# NATIONAL NEWS BULLETIN (ODIA)

## 19 November - 2024

## Morning Bulletin : 7.15 a.m.

********************************

## ମୁଖ୍ୟ ସମ୍ବାଦ

- ୧୯ତମ ଜି-୨୦ ଶିଖର ସମ୍ମିଳନୀ ଅବସରରେ ବିଭିନ୍ନ ଦେଶର ନେତାଙ୍କ ସହ ପାରସ୍ପରିକ ସମ୍ପର୍କ ଦୃଢ଼ କରିବା ନେଇ ଆଲୋଚନା କଲେ ପ୍ରଧାନମନ୍ତ୍ରୀ ।
- ଝାଡ଼ଖଣ୍ଡ ଓ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ନିମନ୍ତେ ଆସନ୍ତାକାଲି ହେବାକୁ ଥିବା ଭୋଟ୍ ଗ୍ରହଣ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ।
- ନିଯୁକ୍ତି କ୍ଷେତ୍ରରେ ଅନିୟମିତତା ନେଇ ଛତିଶଗଡ଼ ଲୋକସେବା ଆୟୋଗର ପୂର୍ବତନ ଅଧ୍ୟକ୍ଷ ଗିରଫ୍ ।
- ଦେଶର ନିୟନ୍ତ୍ରକ ଏବଂ ମହାଲେଖା ପରୀକ୍ଷକ ଭାବେ କେ. ସଂଜୟ ମୂର୍ତ୍ତି ନିଯୁକ୍ତ ।

ଏବଂ

- ଭାରତର ଯୋଗା ପୂର୍ତ୍ତି ମହିଳା ୧୮ ବର୍ଷରୁ କମ୍ ସ୍ପିଡ୍ କ୍ଲାଇମ୍ବିଂ ପ୍ରତିଯୋଗିତାରେ ଜିତିଲେ ରୌପ୍ୟ ପଦକ ।

# ପିଏମ୍-ବାଇଲେଟରାଲ୍

ରିଓଡି ଜେନେରିଓ ଠାରେ ଚାଲିଥିବା ଜି-୨୦ ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବ୍ରିଟେନ୍, ଇଟାଲୀ, ଫ୍ରାନ୍ସ, ନରୱେ, ପର୍ତ୍ତୁଗାଲ୍ ଏବଂ ଇଣ୍ଡୋନେସିଆ ସମେତ ଅନ୍ୟ ଦେଶର ନେତାଙ୍କ ସହ ପାରସ୍ପରିକ ସମ୍ପର୍କ ଦୃଢ଼ କରିବା ନେଇ ସାକ୍ଷାତ ଆଲୋଚନା କରିଛନ୍ତି ।

ଶ୍ରୀ ମୋଦୀ ଗତକାଲି ରାତିରେ ତାଙ୍କ ବ୍ରିଟିଶ୍ ପ୍ରତିପକ୍ଷ କିର୍ ଷ୍ଟାର୍‌ମର୍‌ଙ୍କ ସହ ବୈଠକ କରିଥିଲେ । ଏହି ବୈଠକ ଫଳପ୍ରଦ ହୋଇଥିବା ଶ୍ରୀ ମୋଦୀ ସୂଚନା ଦେଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଭାରତ ପାଇଁ ବ୍ରିଟେନ୍ ସହ ବ୍ୟାପକ ରଣନୈତିକ ଭାଗିଦାରୀକୁ ଅଗ୍ରାଧିକାର ଦିଆଯାଉଛି । ଆଗାମୀ ବର୍ଷ ଗୁଡ଼ିକରେ ଉଭୟ ଦେଶ ଶକ୍ତି, ନିରାପତ୍ତା, ଉଦ୍ଭାବନ ଏବଂ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଘନିଷ୍ଠ ଭାବେ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ଭାରତ ଓ ବ୍ରିଟେନ୍ ବାଣିଜ୍ୟିକ ଏବଂ ସାଂସ୍କୃତିକ ସମ୍ପର୍କକୁ ଆହୁରି ଦୃଢ଼ କରିବା ଲାଗି ସମ୍ମତି ପ୍ରକାଶ କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ୟାରିସ୍ ଅଲିମ୍ପିକ୍ସ ଏବଂ ପାରା ଅଲିମ୍ପିକ୍ସର ସଫଳ ଆୟୋଜନ ନିମନ୍ତେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍‌ଙ୍କୁ ପ୍ରଶଂସା କରିଛନ୍ତି । ଉଭୟ ଭାରତ ଓ ଫ୍ରାନ୍ସ ମହାକାଶ, ଶକ୍ତି,

କୃତ୍ରିମ ବୁଦ୍ଧିମତା ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଯେଭଳି ଘନିଷ୍ଠ ଭାବେ କାର୍ଯ୍ୟ କରିବେ ସେ ନେଇ ଆଲୋଚନା କରିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି, ଭାରତ ଓ ଫ୍ରାନ୍ସ ଉଭୟ ଦେଶର ନାଗରୀକଙ୍କ ମଧ୍ୟରେ ସମ୍ପର୍କ ଆହୁରି ଦୃଢ଼ କରିବା ଲାଗି କାର୍ଯ୍ୟ କରିବେ ବୋଲି ଆଗ୍ରହ ପ୍ରକାଶ କରିଛନ୍ତି ।

ଶ୍ରୀ ମୋଦୀ ଓ ତାଙ୍କ ଇଟାଲୀ ପ୍ରତିପକ୍ଷ ଜର୍ଜିଆ ମେଲୋନି ଦ୍ୱିପାକ୍ଷିକ ବୈଠକରେ ପ୍ରତିରକ୍ଷା, ନିରାପତ୍ତା, ବାଣିଜ୍ୟ ଏବଂ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ସମ୍ପର୍କକୁ ଆହୁରି ଦୃଢ଼ କରିବା ଲାଗି ଆଲୋଚନା କରିଛନ୍ତି । ଶ୍ରୀ ମୋଦୀ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସୂଚନା ଦେଇଛନ୍ତି, ଉଭୟ ଦେଶ ମଧ୍ୟରେ ସଂସ୍କୃତି, ଶିକ୍ଷା ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ସହଯୋଗ ବୃଦ୍ଧି ଉପରେ ଆଲୋଚନା ହୋଇଛି । ସେ କହିଛନ୍ତି, ଭାରତ ଓ ଇଟାଲୀର ବନ୍ଧୁତା ଏକ ଉନ୍ନତ ବିଶ୍ୱ ଗଠନରେ ସହାୟକ ହୋଇପାରିବ । ଆଲୋଚନା ସମୟରେ ଉଭୟ ନେତା ୨୦୨୫ରୁ ୨୦୨୯ ପର୍ଯ୍ୟନ୍ତ ପ୍ରସ୍ତାବିତ ମିଳିତ ରଣନୈତିକ କାର୍ଯ୍ୟ ଖସଡ଼ାକୁ ସ୍ୱାଗତ କରିଛନ୍ତି । ଏହା ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ପ୍ରୋତ୍ସାହିତ କରିବ ବୋଲି କୁହାଯାଇଛି ।

ଜି-୨୦ ଶିଖର ସମ୍ମିଳନୀ ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ନରୱେର ପ୍ରଧାନମନ୍ତ୍ରୀ ଜୋନାସ ଗହର ଷ୍ଟୋର୍‌ଙ୍କ ସହ ସାକ୍ଷାତ

କରିଛନ୍ତି । ବିଶେଷ କରି ଅକ୍ଷୟ ଶକ୍ତି, ସବୁଜ ହାଇଡ୍ରୋଜେନ୍ ଏବଂ ଅର୍ଥନୀତି କ୍ଷେତ୍ରରେ ଉଭୟ ଦେଶ ମିଳିତ ଭାବେ କାର୍ଯ୍ୟ କରିବା ନେଇ ଆଲୋଚନା ହୋଇଛି । ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ନରୱେ ଦ୍ୱିପାକ୍ଷିକ ସମ୍ପର୍କକୁ ଆର୍କଟିକ୍ ନୀତି ଆହୁରି ସୁଦୃଢ଼ କରିଛି । ଭାରତ ୟୁରୋପୀୟ ମୁକ୍ତ ବାଣିଜ୍ୟ ସଂଘ ଏବଂ ଅର୍ଥନୈତିକ ଭାଗିଦାରୀ ଚୁକ୍ତି ସ୍ୱାକ୍ଷରିତ ହେବା ପରେ ଉଭୟ ଦେଶ ମଧ୍ୟରେ ବାଣିଜ୍ୟିକ ଓ ଅର୍ଥନୈତିକ ସମ୍ପର୍କ ଆହୁରି ଦୃଢ଼ ହେବ ବୋଲି ଉଭୟ ନେତା ମତପୋଷଣ କରିଛନ୍ତି ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରବୋଓ ସୁବିଆଣ୍ଟୋଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିଛନ୍ତି । ଆଲୋଚନା କାଳରେ ବାଣିଜ୍ୟ, ନିରାପତ୍ତା, ସ୍ୱାସ୍ଥ୍ୟସେବା, ଔଷଧ ଓ ଅନ୍ୟାନ୍ୟ କ୍ଷେତ୍ରରେ ସମ୍ପର୍କରେ ଉନ୍ନତି ଆଣିବା ଲାଗି ଉଭୟ ଦେଶ ସହମତ ହୋଇଛନ୍ତି । ଶ୍ରୀ ମୋଦୀ ଟ୍ୱିଟ୍ କରି କହିଛନ୍ତି, ଭାରତ-ଇଣ୍ଡୋନେସିଆ କୂଟନୈତିକ ସମ୍ପର୍କର ୭୫ ବର୍ଷ ପୂରଣ ହୋଇଥିବାରୁ ଉଭୟ ଦେଶ ମଧ୍ୟରେ ଥିବା ସମ୍ପର୍କକୁ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି ।

ଶ୍ରୀ ମୋଦୀ ପର୍ତ୍ତୁଗାଲର ପ୍ରଧାନମନ୍ତ୍ରୀ ଲୁଇସ୍ ମଣ୍ଟେନେଗ୍ରୋଙ୍କ ସହ ଦ୍ୱିପାକ୍ଷିକ ବୈଠକ କରି ଦୁଇ ଦେଶ ମଧ୍ୟରେ ଅର୍ଥନୈତିକ ସମ୍ପର୍କକୁ ଅଧିକ ମଜବୁତ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ପର୍ତ୍ତୁଗାଲ ସହ ଦୀର୍ଘଦିନର ସମ୍ପର୍କକୁ ଭାରତ ଗୁରୁତ୍ୱ ଦେଉଛି ବୋଲି ପ୍ରଧାନମନ୍ତ୍ରୀ ମୋଦୀ

କହିଛନ୍ତି । ଅକ୍ଷୟ ଶକ୍ତି ଏବଂ ସବୁଜ ହାଇଡ୍ରୋଜେନ୍ କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ଅଧିକ ସହଯୋଗ ପାଇଁ ସୁଯୋଗ ସୃଷ୍ଟି ହୋଇଥିବା ଶ୍ରୀ ମୋଦୀ କହିଛନ୍ତି ।

## ଶ୍ରୀଲଙ୍କା-ପ୍ରେସିଡେଣ୍ଟ

ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାରା ଦିଶାନାୟକ ଆସନ୍ତା ମାସରେ ଭାରତ ଗସ୍ତରେ ଆସିବେ। ଗତକାଲି କଲମ୍ବୋଠାରେ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀଲଙ୍କାର ନବନିଯୁକ୍ତ ବୈଦେଶିକ ବ୍ୟାପାର ମନ୍ତ୍ରୀ ବିଜିଥା ହେରାଥ୍ କହିଛନ୍ତି, ଏହି ଗସ୍ତ ଅବସରରେ ଶ୍ରୀ ଦିଶାନାୟକ' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଦ୍ୱିପକ୍ଷୀୟ ଆଲୋଚନା କରିବେ। ସାଧାରଣତଃ ଶ୍ରୀଲଙ୍କା ରାଷ୍ଟ୍ରପତି ଦାୟିତ୍ୱ ନେବା ପରେ ଭାରତକୁ ପ୍ରଥମେ ଆସିବାର ପରମ୍ପରାକୁ ବଜାୟ ରଖି ଶ୍ରୀ ଦିଶାନାୟକ ଏହି ଗସ୍ତ କରୁଛନ୍ତି।

## ଝାଡ଼ଖଣ୍ଡ-ପୋଲ ଆରେଞ୍ଜମେଣ୍ଟ

ଝାଡ଼ଖଣ୍ଡର ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ନିମନ୍ତେ ପ୍ରସ୍ତୁତି ଶେଷ ହୋଇଛି । ଆସନ୍ତାକାଲି ୧୨ଟି ଜିଲ୍ଲାର ୩୮ଟି ବିଧାନସଭା

ଆସନ ନିମନ୍ତେ ଭୋଟ ଗ୍ରହଣ ଅନୁଷ୍ଠିତ ହେବ । ନଭେମ୍ବର ୨୩ରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ ବୋଲି ଜଣାପଡ଼ିଛି ।

ଏହି ପର୍ଯ୍ୟାୟରେ ବର୍‌ହାଇଟ୍ ଆସନରୁ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ନିର୍ବାଚନ ଲଢୁଥିବା ବେଳେ ଝାଡ଼ଖଣ୍ଡ ବିଜେପି ମୁଖ୍ୟ ବାବୁଲାଲ ମାରାଣ୍ଡି ଧନୱାଡ୍ ଆସନରୁ ନିର୍ବାଚନ ଲଢୁଛନ୍ତି । ସେହିପରି ଏ.ଜେ.ଏସ୍.ୟୁ. ପାର୍ଟି ମୁଖ୍ୟ ସୁଦେଶ ମାହାତୋ ସିଲି ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ପତ୍ନୀ କଳ୍ପନା ସୋରେନ ଗଣ୍ଡେ ଆସନରେ ପ୍ରାର୍ଥୀ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଭାଇ ବସନ୍ତ ସୋରେନ ଡୁମ୍‌କା ଆସନରୁ ପ୍ରାର୍ଥୀ ହୋଇଛନ୍ତି ।

ଏହି ପର୍ଯ୍ୟାୟ ନିର୍ବାଚନରେ ୫୨୮ ଜଣ ପ୍ରାର୍ଥୀଙ୍କ ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ ହେବ । ସେମାନଙ୍କ ମଧ୍ୟରେ ୫୨ ଜଣ ମହିଳା ପ୍ରାର୍ଥୀ ରହିଥିବା ଜଣାଯାଇଛି । ପ୍ରାୟ ୧ କୋଟି ୨୩ଲକ୍ଷରୁ ଅଧିକ ମତଦାତା ଆସନ୍ତାକାଲି ସେମାନଙ୍କ ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିବେ । ୧୨ଟି ଯାକ ଜିଲ୍ଲାରେ ସୁରୁଖୁରୁରେ ଭୋଟଗ୍ରହଣ କରିବା ଲାଗି ୧୪ ହଜାର ୨୧୮ଟି ମତଦାନ କେନ୍ଦ୍ର ସ୍ଥାପନ କରାଯାଇଛି । ସେଗୁଡ଼ିକ ମଧ୍ୟରୁ ୭ ହଜାର ମତଦାନ କେନ୍ଦ୍ରକୁ ସମ୍ବେଦନଶୀଳ ଚିହ୍ନଟ କରାଯାଇଥିବାରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ଏହି ପର୍ଯ୍ୟାୟ ନିର୍ବାଚନ ପାଇଁ ୬୦୦ କେନ୍ଦ୍ରୀୟ ପାରା ମିଲିଟାରୀ ଫୋର୍ସ ମୁତୟନ କରାଯାଉଥିବା ଜଣାପଡ଼ିଛି ।

ସୂଚନା ଯୋଗ୍ୟ ୨୦୧୯ ବିଧାନସଭା ନିର୍ବାଚନରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାକୁ ୧୩ଟି, ବିଜେପିକୁ ୧୨ଟି, କଂଗ୍ରେସକୁ ୮ଟି ଏବଂ ସି.ପି.ଆଇ.ଏମ୍.ଏଲ୍.କୁ ଗୋଟିଏ ଆସନ ମିଳିଥିଲା ।

## ମହା-ପୋଲ ଆରେଞ୍ଜମେଣ୍ଟ

ମହାରାଷ୍ଟ୍ର ବିଧାନସଭାର ୨୮୮ଟି ଆସନ ନିମନ୍ତେ ଆସନ୍ତାକାଲି ଗୋଟିଏ ପର୍ଯ୍ୟାୟରେ ଭୋଟ ଗ୍ରହଣ ଅନୁଷ୍ଠିତ ହେବ । ଏଥିଲାଗି ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଶାସକ ବିଜେପି ନେତୃତ୍ୱାଧୀନ ମହାୟୁତି ମେଣ୍ଟ କ୍ଷମତା ବଜାୟ ରଖିବା ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ମହାବିକାଶ ଅଘାଡ଼ି ମେଣ୍ଟ ରାଜ୍ୟରେ ପୁଣି କ୍ଷମତାକୁ ଫେରିବା ଲାଗି ଉଦ୍ୟମ କରୁଛି । ଆସନ୍ତାକାଲି ୪ ହଜାର ୧୩୬ ଜଣ ପ୍ରାର୍ଥୀଙ୍କ ରାଜନୈତିକ ଭାଗ୍ୟ ନିର୍ଣ୍ଣୟ ହେବ । ଏହି ନିର୍ବାଚନରେ ୨ହଜାର ୮୬ ଜଣ ସ୍ୱାଧୀନ ପ୍ରାର୍ଥୀ ଅଛନ୍ତି । ବିଜେପି ୧୪୯ଟି ଆସନରେ ପ୍ରାର୍ଥୀ ଦେଇଥିବା ବେଳେ ଶିବସେନା ୮୧ଟି ଏବଂ ଅଜିତ ପାୱାର ନେତୃତ୍ୱାଧୀନ ଏନ୍.ସି.ପି. ୫୯ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ।

ସେହିପରି କଂଗ୍ରେସ ୧୦୧ଟି ଆସନରେ ପ୍ରାର୍ଥୀ ଦେଇଥିବା ବେଳେ ଶିବସେନା ୯୫ ଓ ଶରଦପାୱାର୍ ଏନ୍.ସି.ପି. ୮୬ଟି ଆସନରେ

ପ୍ରତିଦ୍ୱନ୍ଦ୍ୱିତା କରୁଛି । ବହୁଜନ ସମାଜପାର୍ଟି ଏବଂ ଏ.ଆଇ.ଏମ୍.ଆଇ.ଏମ୍. ମଧ୍ୟ ଏହି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ବହୁଜନ ସମାଜପାର୍ଟି ୨୩୭ଟି ଆସନରେ ପ୍ରାର୍ଥୀ ଦେଇଥିବା ବେଳେ ଏ.ଆଇ.ଏମ୍.ଆଇ.ଏମ୍. ୧୭ଟି ଆସନରେ ପ୍ରାର୍ଥୀ ଦେଇଛି । ଆସନ୍ତା ୨୩ ତାରିଖରେ ଭୋଟ୍ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ ବୋଲି ଜଣାପଡ଼ିଛି ।

## ୟୁପି ବାଇ ଇଲେକସନ୍

ଉତ୍ତରପ୍ରଦେଶ ବିଧାନସଭାର ୯ଟି ଆସନ ଲାଗି ଆସନ୍ତାକାଲି ଉପନିର୍ବାଚନ ଅନୁଷ୍ଠିତ ହେବ। ଏଥିଲାଗି ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଉପନିର୍ବାଚନ ହେବାକୁ ଥିବା ଆସନଗୁଡ଼ିକ ହେଉଛି ମୀରାପୁର, କୁନ୍ଦାର୍କି, କାରାହାଲ, କାଟେହ୍ରି, ସୀସାମାଉ, ଗାଜିଆବାଦ୍, ଖାଇର୍, ମାଝୱାଁ ଓ ଫୁଲପୁର।

## ଛତିଶଗଡ଼-ଆରେଷ୍ଟ

କେନ୍ଦ୍ରୀୟ ଯାଞ୍ଚ୍ ବ୍ୟୁରୋ ସି.ବି.ଆଇ. ଛତିଶଗଡ଼ର ରାଜ୍ୟ ଲୋକସେବା ଆୟୋଗର ପୂର୍ବତନ ଅଧ୍ୟକ୍ଷ ତମନ ସିଂହ ସୋନୱାନିଙ୍କୁ ଗିରଫ୍ କରିଛି । ସି.ଜି.ପି.ଏସ୍.ସି. ଚୟନ ମାମଲାରେ ହୋଇଥିବା

ଅନିୟମିତତା ଅଭିଯୋଗରେ ସି.ବି.ଆଇ. ଶ୍ରୀ ସୋନୱ୍ୱାନିଙ୍କୁ ଗିରଫ୍ କରିଥିବା ଜଣାପଡ଼ିଛି । ଏଥିସହିତ ଏହି ଅନିୟମିତତାରେ ସାମିଲ ଥିବା ନେଇ ଏକ ଘରୋଇ ଷ୍ଟିଲ୍ କମ୍ପାନୀର ନିର୍ଦ୍ଦେଶକଙ୍କୁ ମଧ୍ୟ ସି.ବି.ଆଇ. ଗିରଫ୍ କରିଛି । ଛତିଶଗଡ଼ ଲୋକସେବା ଆୟୋଗର ପୂର୍ବତନ ଅଧ୍ୟକ୍ଷ ଶ୍ରୀ ସୋନୱ୍ୱାନି ନିଜ ସମ୍ପର୍କୀୟମାନଙ୍କୁ ନିଯୁକ୍ତି ଦେବା କ୍ଷେତ୍ରରେ ଅନିୟମିତତା କରିଥିବା ଅଭିଯୋଗ ହୋଇଥିଲା । ନିଜ ପୁଅକୁ ଡେପୁଟି କଲେକ୍ଟର, ଭଣଜାକୁ ଡେପୁଟି ଏସ୍.ପି., ଭାଣିଜୀକୁ ଶ୍ରମ ଅଧିକାରୀ ଏବଂ ପୁତ୍ରବଧୂଙ୍କୁ ଡେପୁଟି କଲେକ୍ଟର ଓ ଭାଇବୋହୂକୁ ଜିଲ୍ଲା ଅବକାରୀ ଅଧିକାରୀ ନିଯୁକ୍ତି କ୍ଷେତ୍ରରେ ସେ ଅନିୟମିତତା କରିଥିବା ଜଣାପଡ଼ିଛି ।

ଅନ୍ୟ ପକ୍ଷରେ ସି.ବି.ଆଇ. ବଜରଙ୍ଗ ପାୱାର ଏବଂ ଇସ୍ପାତ୍ ଲିମିଟେଡ୍‌ର ନିର୍ଦ୍ଦେଶକ ଶ୍ରବଣ କୁମାର ଗୋୟଲଙ୍କୁ ଗିରଫ୍ କରିଛି । ଶ୍ରୀ ଗୋୟଲ ଗ୍ରାମ ବିକାଶ ସମିତି ମାଧ୍ୟମରେ ୪୫ ଲକ୍ଷ ଟଙ୍କା ଲାଞ୍ଚ ଦେଇଥିବା ଅଭିଯୋଗ ହୋଇଛି । ସେହି ସମିତିରେ ସୋନୱ୍ୱାନିଙ୍କ ସମ୍ପର୍କୀୟ ସଦସ୍ୟ ଥିବା ଜଣାପଡ଼ିଛି ।

## କେ ମୂର୍ତ୍ତି – ସିଏଜି

କେ. ସଂଜୟ ମୂର୍ତ୍ତିଙ୍କୁ ଭାରତର ନିୟନ୍ତ୍ରକ ଏବଂ ମହାଲେଖା ପରୀକ୍ଷକ – ସି.ଏ.ଜି. ଭାବରେ ନିଯୁକ୍ତି ଦିଆଯାଇଛି । ଶ୍ରୀ ମୂର୍ତ୍ତି ଏବେ ଶିକ୍ଷା

ମନ୍ତ୍ରଣାଳୟର ଉଚ୍ଚଶିକ୍ଷା ବିଭାଗର ସଚିବ ଭାବେ କାର୍ଯ୍ୟ କରୁଛନ୍ତି । ୨୦୨୦ ଅଗଷ୍ଟରେ ସି.ଏ.ଜି. ଭାବେ ନିଯୁକ୍ତି ପାଇଥିବା ଗିରିଶ ଚନ୍ଦ୍ର ମୁର୍ମୁଙ୍କ ସ୍ଥାନରେ ଶ୍ରୀ ମୂର୍ତ୍ତି ଦାୟୀତ୍ୱ ତୁଲାଇବେ ।

## କ୍ଲାଇମ୍ବିଂ-ୟୁଥ୍ ଏସିଆନ୍ ଚାମ୍ପିୟନ୍‌ସିପ୍

ଆଇ.ଏଫ୍.ଏସ୍.ସି. ଯୁବ ଏସିଆନ୍ କ୍ଲାଇମ୍ବିଂ ଚମ୍ପିୟାନ୍‌ସିପ୍‌ରେ ଭାରତର ଯୋଗା ପୂର୍ତ୍ତି ମହିଳା ୧୮ ବର୍ଷରୁ କମ୍ ସ୍ପିଡ୍ କ୍ଲାଇମ୍ବିଂ ପ୍ରତିଯୋଗିତାର ଫାଇନାଲ୍‌ରେ ରୌପ୍ୟ ପଦକ ହାସଲ କରିଛନ୍ତି । ଗତକାଲି ଜାମ୍‌ସେଦପୁରରେ ଅନୁଷ୍ଠିତ ଖେଳରେ ସେ ୮ ଦଶମିକ୍ ୮/୯ ସେକେଣ୍ଡରେ ଏହି ବିଜୟ ହାସଲ କରିଛନ୍ତି । ଏଥିସହିତ ସେ ପୂର୍ବର ଥିବା ୯ ଦଶମିକ୍ ୧/୦ ସେକେଣ୍ଡର ଜାତୀୟ ରେକର୍ଡ ଭଙ୍ଗ କରିଛନ୍ତି । ଯୋଗା ପୂର୍ତ୍ତି ଫାଇନାଲ୍‌ରେ ଇଣ୍ଡୋନେସିଆର ଅନିନ୍ଦା କାଲ୍‌ବି ଆର୍‌ସିଲାଙ୍କ ଠାରୁ ପରାସ୍ତ ହୋଇଥିଲେ । ଏଥିରେ ଦକ୍ଷିଣ କୋରିଆର ଜିମିନି ହ୍ୱାଙ୍ଗ୍ କାଂସ୍ୟ ପଦକ ହାସଲ କରିଛନ୍ତି । ଏହି ପ୍ରତିଯୋଗିତାରେ ୧୩ଟି ଏସୀୟ ଦେଶର କ୍ରୀଡ଼ାବିତ୍‌ମାନେ ଭାଗ ନେଇଥିଲେ ।

# ଇଣ୍ଡିଆ-ମାଲେସିଆ ଫୁଟବଲ

ହାଇଦ୍ରାବାଦ୍‌ର ଗାଚିବୋଲି ଷ୍ଟାଡିୟମ୍‌ରେ ଭାରତ-ମାଲେସିଆ ମଧ୍ୟରେ ଅନୁଷ୍ଠିତ ଫିଫା ଆନ୍ତର୍ଜାତିକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍ ୧-୧ ଗୋଲ୍‌ରେ ଡ୍ର’ ହୋଇଛି । ମ୍ୟାଚ୍‌ର ୧୯ତମ ମିନିଟ୍‌ରେ ମାଲେସିଆର ପାଓଲୋ ଜୋସୁ ପ୍ରଥମ ଗୋଲ୍ ଦେଇଥିଲେ । ତେବେ ୩୯ତମ ମିନିଟ୍‌ରେ ରାହୁଲ ଭେକେ ଗୋଟିଏ ଗୋଲ୍ କରି ମ୍ୟାଚ୍‌କୁ ୧-୧ ଗୋଲ୍‌ରେ ସିମିତ ରଖିଥିଲେ । ଭାରତର ବ୍ରାଣ୍ଡନ ଫର୍ଣ୍ଣାଣ୍ଡିଜ୍ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ ।